ସମଲେଶ୍ୱରୀ ଆଂଚଳିକ ସମବାୟ ଦୁଗ୍ଧ ଉତ୍ପାଦକ ସଂଘ ଲିଃ
ବାଣାପଡ଼ା, ସମ୍ବଲପୁର

SAMUL

# ଗାଈର କ୍ଷୀର ଦୁଇଓଳି ନ ଦୁହିଁଲେ ଦେଖାଦେଉଥିବା ଅସୁବିଧା

୧. ସଙ୍କର ଜାତୀୟ ଦୁଧିଆଳି ଗାଈମାନଙ୍କୁ ଦୁଇଓଳି କ୍ଷୀର ନ ଦୁହିଁଲେ ଗାଈମାନେ ସ୍ତନଫୋଲା ରୋଗରେ ଆକ୍ରାନ୍ତ ହେବାର ଯଥେଷ୍ଟ ସମ୍ଭାବନା ରହିଥାଏ ।

୨. ଦୁଇଓଳି କ୍ଷୀର ନ ଦୁହିଁଲେ ଗାଈର ଦୁଗ୍ଧ ଉତ୍ପାଦନ କ୍ରମଶଃ ହ୍ରାସ ହୋଇଥାଏ ।

୩. ଗାଈମାନେ ଦୁଇଓଳି କ୍ଷୀର ଦିଅନ୍ତି ନାହିଁ, ଦୁହିଁଲେ କ୍ଷୀର ବାହାରେ ନାହିଁ ଆଦି ଭ୍ରମାତ୍ମକ ବିଶ୍ୱାସ ଗୁଡ଼ିକ ସଂପୂର୍ଣ୍ଣ ଅମୂଳକ ।

୪. ଦୁଧିଆଳି ଗାଈମାନଙ୍କୁ ଯଥେଷ୍ଟ ଖାଦ୍ୟ ଓ ପାନୀୟ ବ୍ୟବସ୍ଥା କଲେ, ସେମାନେ ଦୈନିକ ଦୁଇଥର (ସକାଳ ଓ ସନ୍ଧ୍ୟା) କ୍ଷୀର ଅବଶ୍ୟ ଦେଇଥାନ୍ତି ।

୫. ଦୁଧିଆଳି ଗାଈମାନଙ୍କୁ ପଡ଼ିଆକୁ ଚରିବାକୁ ଛାଡ଼ିଲେ କ୍ଷୀର ଖାଉଥିବା ବାଛୁରୀକୁ ସାଙ୍ଗରେ ଛାଡ଼ନ୍ତୁ ନାହିଁ ।

୬. ପ୍ରତ୍ୟେକ ଗାଈଙ୍କୁ ଅବଶ୍ୟ ୩ରୁ ୪ ମାସ ଅନ୍ତରରେ କୃମି ନାଶକ ଔଷଧ ଦିଅନ୍ତୁ ଏବଂ ଆବଶ୍ୟକ ସ୍ଥଳେ ଡ଼ାକ୍ତରଖାନାରେ ଗାଈର ଗୋବର ପରୀକ୍ଷା କରାଇ ନିଅନ୍ତୁ ।

୭. ଗାଈଙ୍କୁ ଫାଟୁଆ, ପାଚଣା, ଚକଚକିଆ ଆଦି ରୋଗର ଟୀକାକରଣ (Triovac Vaccination) ପ୍ରତି ୯ରୁ ୧୦ମାସ ଅନ୍ତରରେ ନିଶ୍ଚୟ କରାନ୍ତୁ ।

୮. ପ୍ରତ୍ୟେକ ଗାଈଙ୍କୁ ଦୈନିକ ୧୦୦ ଗ୍ରାମ୍ ମିନେରାଲ ମିକ୍ସଚର *(ଖଣିଜ ଲବଣ)* ଖାଇବାକୁ ଦିଅନ୍ତୁ ଏବଂ ସଙ୍କର ଜାତୀୟ ଗାଈଙ୍କୁ ୭୦ରୁ ୮୦ ଲିଟର ସ୍ୱଚ୍ଛ ପାଣି ପିଇବାକୁ ଦିଅନ୍ତୁ ।

୯. ଗର୍ଭ ଧାରଣର ସମସ୍ୟା ଏଡାଇବା ପାଇଁ ପ୍ରତ୍ୟେକ ଗାଈଙ୍କୁ ୧୦୦ରୁ ୨୦୦ଗ୍ରାମ୍ ମିନେରାଲ ମିକ୍ସଚର *(ଖଣିଜ ଲବଣ)* ଖାଇବାକୁ ଦିଅନ୍ତୁ ।

୧୦. ଠିକ୍ ଭାବରେ ଯତ୍ନ କଲେ ଦେଶୀ ଗାଈ ମଧ୍ୟ ଆଶାନୁରୂପକ କ୍ଷୀର ଦିଏ ।

